# LEGAL FRAMEWORK FOR PROTECTING COMMON LANDS IN ODISHA



# ଓଡ଼ିଶାରେ ସର୍ବସାଧାରଣ ଭୂମି ସୁରକ୍ଷାର ନ୍ୟାୟିକ ଆଧାର

**Disclaimer:** There is no copyright on this publication. You are free to share, translate and distribute this material. We request that the source be acknowledged and a copy/link of your reprint, report or translation be sent to the CPR-Namati Environmental Justice Program.

**Research:** Centre for Policy Research-Namati Environmental Justice Program

**Translation:** Jimuta Prasad Mishra

**Design:** Vani Subramanian

**Print:** Printforce

This research work has been supported by the Duleep Matthai Nature Conservation Trust (DMNCT)

**ସ୍ୱତ୍ୱ ପ୍ରତ୍ୟାଖ୍ୟାନ:** ଏହି ପ୍ରକାଶନ କପି ରାଇଟ୍ ଦାବୀ କରେ ନାହିଁ ।

ଆପଣ ବିନା ଦ୍ୱିଧାରେ ଏହି ପୁସ୍ତକକୁ ବାଣ୍ଟି ପାରିବେ ଓ ଅନୁବାଦ କରିପାରିବେ ।  ଆପଣଙ୍କୁ ଅନୁରୋଧ ଆପଣ ଯଦି ଏହାର ପ୍ରକାଶନ କିମ୍ବା ଅନୁବାଦ କରନ୍ତି ତେବେ ଏହାର ମୂଳଲେଖା ପାଇଁ ନମତିକୁ ସ୍ୱୀକାରୋକ୍ତି ପ୍ରଦାନ କରନ୍ତୁ ଏବଂ ପ୍ରକାଶନ କିମ୍ବା ଅନୁବାଦର କପି ସିପିଆର୍-ନମତି ଏନ୍‌ଭାଇରନ୍‌ମେଣ୍ଟାଲ୍ ଜଷ୍ଟିସ୍ ପ୍ରୋଗ୍ରାମ୍‌କୁ ପଠାନ୍ତୁ ।

**ଗବେଷଣା:** ସେଣ୍ଟର୍ ଫର୍ ପଲିସି ରିସର୍ଚ୍ଚ-ନମତି ଏନ୍‌ଭାଇରନ୍‌ମେଣ୍ଟାଲ୍ ଜଷ୍ଟିସ୍ ପ୍ରୋଗ୍ରାମ୍

**ଓଡ଼ିଆ ଅନୁବାଦ:** ଜୀମୂତ ପ୍ରସାଦ ମିଶ୍ର

**ରୂପସଜ୍ଜା:** ବାଣୀ ସୁବ୍ରମନିଅନ୍

**ମୁଦ୍ରଣ:** ପ୍ରିଣ୍ଟଫୋର୍ସ

ଏହି ଅଧ୍ୟୟନ/ଗବେଷଣା କାର୍ଯ୍ୟ ପାଇଁ ଦୁଲିପ୍ ମଥାଇ ନେଚର୍ କନ୍‌ଜର୍‌ଭେସନ୍ ଟ୍ରଷ୍ଟ୍ ସହାୟତା ପ୍ରଦାନ କରିଛି ।

# LEGAL FRAMEWORK FOR PROTECTING COMMON LANDS IN ODISHA

## ଓଡ଼ିଶାରେ ସର୍ବସାଧାରଣ ଭୂମି ସୁରକ୍ଷାର ନ୍ୟାୟିକ ଆଧାର

# ସର୍ବସାଧାରଣ ଭୂମି କାହାକୁ କୁହାଯାଏ?



ସର୍ବସାଧାରଣ ଭୂମି ବା ସର୍ବସାଧାରଣ ଚାହିଦା ପୂରଣ କରିବାର ଉତ୍ସ/ସମ୍ବଳ ରୂପୀ ସମ୍ପତ୍ତି (ସିପିଆର୍) ଏହି ଦୁଇଟି ଶବ୍ଦକୁ ପରସ୍ପର ସହ ଅଦଳବଦଳ କରି ବ୍ୟବହାର କରାଯାଏ ଯାହାର ଅର୍ଥ ଜନଗୋଷ୍ଠୀ ବ୍ୟବହାର କରୁଥିବା କିମ୍ବା ଏହାର ମାଲିକାନାରେ ଥିବା ଭୂମି । ଏହିପରି ଭୂମି ଭିନ୍ନଭିନ୍ନ କାର୍ଯ୍ୟରେ ବ୍ୟବହାର ହୋଇଥାଏ; ଯଥା-ସର୍ବସାଧାରଣ ଚାରଣଭୂମି, ଗୋଷ୍ଠୀ ଜଙ୍ଗଲ, ମାଛ ଶୁଖାଇବା ଓ ପ୍ରକ୍ରିୟାକରଣ, କୃଷି ସମ୍ପର୍କୀତ ବୃକ୍ଷରୋପଣ ନିମନ୍ତେ ଭୂମି, ଶ୍ମଶାନ, ଜଳ ଅବବାହିକା, ଗ୍ରାମ ପୋଖରୀ, ନଦୀ, ଛୋଟନଦୀ ଏବଂ ସେମାନଙ୍କର କୂଳ ଓ ଶଯ୍ୟା ।

ଆଇନ୍‌ତଃ; ସିପିଆର୍‌କୁ କୌଣସି ଏକ ବ୍ୟକ୍ତିର ପରିବର୍ତ୍ତେ ଗୋଷ୍ଠୀର ନିଜସ୍ୱ ସମ୍ପତ୍ତି ରୂପେ ବିବେଚନା କରାଯାଇଥାଏ। ଯେପର୍ଯ୍ୟନ୍ତ ସର୍ବସାଧାରଣ ଭୂମି ଗୋଷ୍ଠୀର ମାଲିକାନା ଓ ବ୍ୟବହାର ଅଧିନରେ ଥାଏ ସେପର୍ଯ୍ୟନ୍ତ ଏହାଉପରେ ଅଧିକାର ସ୍ପଷ୍ଟଭାବରେ ନିରୂପିତ ହୋଇଥାଏ । କିନ୍ତୁ ସମୟ କ୍ରମେ ସରକାରଙ୍କର ନୀତି ଯୋଗୁଁ ଏହା ଉପରେ ମାଲିକାନାର ଅଧିକାର କିମ୍ବା ବ୍ୟବହାରର ଅଧିକାର କ୍ଷୟପ୍ରାପ୍ତ, ଲୁପ୍ତ କିମ୍ବା ହାସଲ କରାଯାଇଥାଏ । ତେଣୁ ସର୍ବସାଧାରଣ ଭୂମି କିମ୍ବା ସିପିଆର୍‌କୁ ବର୍ତ୍ତମାନ ସାଧାରଣତଃ ସେହି କିସମର ଭୂମି "ଯାହା ସମ୍ପର୍କୀତ ଅଧିକାର ଅସ୍ପଷ୍ଟ" ଯାହାକି ସ୍ପଷ୍ଟ ଓ ନିରୂପିତ ହେବାର ଆବଶ୍ୟକତା ଅଛି ସେପରି ବୁଝିବାକୁ ହୁଏ[୧] ।

ଏହି ସୂଚ଼ନା ପ୍ରଦାନକାରୀ ପୁସ୍ତିକାରେ ଆମେ ଭୂମି ସମ୍ପର୍କୀତ ସର୍ବସାଧାରଣ/ ଗୋଷ୍ଠୀ ସମ୍ପତ୍ତି ବାବଦରେ ଆଲୋଚ଼ନା କରିଛୁ ।

1 ଚୋପ୍ରା, କାଞ୍ଚନ, ୨୦୦୧ ୱେଷ୍ଟଲ୍ୟାଣ୍ଡସ୍ ଏଣ୍ଡ୍ କମନ୍ ପ୍ରୋପର୍ଟି ଲ୍ୟାଣ୍ଡ୍ ରିସୋର୍ସେସ୍ ସେମିନାର୍, http://www.india-seminar.com/2001/499/499%20kanchan%20chopra.html ରୁ ଫେବୃୟାରୀ ୩,୨୦୧୮ ରେ ପ୍ରାପ୍ତ



# What are commons?



Commons, or Common Property Resources (CPR) are used interchangeably to understand areas that are under use or ownership of groups of people. These areas can have a variety of uses including community pastures, community forests, fish drying and processing, lands used for agricultural foliage, burial grounds, watershed drainages, village ponds, rivers, rivulets as well as their banks and beds.

Legally CPRs have been referred to as private property for a group, in contrast to an individual. Till the time common areas were in possession of communities and in use, the rights to these were clearly defined. However, over a period of time these use or ownership rights could have eroded, acquired or extinguished due to government policy. As a result, today commons or CPRs are being viewed in general parlance as a "category on which ambiguous rights exist"[1], that would need to be clarified or defined.

In this information tool, we are largely dealing with land based commons.

1 Chopra, Kanchan.2001. Wastelands and Common property land resources Seminar. http://www.india-seminar.com/2001/499/499%20kanchan%20chopra.html accessed on February 3, 2018.



## How are common lands recognised in Odisha?[2]

### What are their uses, and which institutions are responsible for their administration?

## ଓଡ଼ିଶାରେ ସର୍ବସାଧାରଣ ଭୂମିକୁ କିପରି ସ୍ୱୀକୃତି ପ୍ରଦାନ କରାଯାଇଅଛି?[୨] ତାହାର କିପ୍ରକାର ବ୍ୟବହାର କରାଯାଏ ଏବଂ ଏହାର ପରିଚାଳନା କେଉଁ କେଉଁ ଅନୁଷ୍ଠାନର ଦାୟିତ୍ୱ/କର୍ତ୍ତବ୍ୟ?

2 http://rotiodisha.nic.in/files/TRAINING%20MATERIAL/PPT/REVENUE/OPLE%20ACT%20.pdf; Mearns, R.,& Sinha, S. (1999). Social Exclusion and Land Administration in Orissa, India. World Bank Policy Research WorkingPaper2124.Retrievedfrom http://documents.worldbank.org/curated/en/834121468750253420/pdf/multi-page.pdf

2 http://rotiodisha.nic.in/files/TRAINING%20MATERIAL/PPT/REVENUE/OPLE%20ACT%20.pdf; ମିର୍ନସ୍ ଆର୍, ଏବଂ ସିହ୍ନା ଏସ୍ (୧୯୯୯), ସୋସିଆଲ୍ ଏକ୍ସକ୍ଲୁଜନ୍ ଏଣ୍ଡ ଲ୍ୟାଣ୍ଡ ଆଡ୍‌ମିନିଷ୍ଟ୍ରେସନ୍ ଇନ୍ ଓରିଶା, ଇଣ୍ଡିଆ । ୱାଲ୍ଡ ବ୍ୟାଙ୍କ ପଲିସି ରିସର୍ଚ୍ଚ ୱାର୍କିଂ ପେପର୍ ୨୧୨୪। http://documents.worldbank.org/curated/en/834121468750253420/pdf/multi-page.pdf

| ସର୍ବସାଧାରଣ ଭୂମି | ବର୍ଣ୍ଣନା/ ବ୍ୟବହାର | ଦାୟିତ୍ୱ ବହନକାରୀ ଅନୁଷ୍ଠାନ | | |
|---|---|---|---|---|
| | | ରାଜ୍ୟ | ଜିଲ୍ଲା କିମ୍ବା ପୌରପରିଷଦ | ବ୍ଲକ ଏବଂ ଗ୍ରାମ |
| **ରକ୍ଷିତ ଖାତା**<br>• ଗ୍ରାମକଣ୍ଠ<br>• ପରମଭୋଗ<br>• ଆବାଦୀ<br>• ଖାସମାହାଲ୍<br>• ନଜୁଲ୍<br>• ଗ୍ରାମ ଜଙ୍ଗଲ<br>• ଗ୍ରାମ ପଞ୍ଚାୟତକୁ ରାଜସ୍ୱ ବିଭାଗ ଦ୍ୱାରା ହସ୍ତାନ୍ତରିତ ଭୂମି<br>• ରାଜସ୍ୱ ବିଭାଗ ଦ୍ୱାରା ଗ୍ରାମପାଇଁ ସଂରକ୍ଷିତ ଭୂମି | • ରାଜସ୍ୱ ବିଭାଗ ବହୁବିଧ ବ୍ୟବହାର ପାଇଁ ଏହି ଭୂମିକୁ ସଂରକ୍ଷିତ କରିଥାଏ<br>• ଏହି ଭୂମି ମଧ୍ୟରୁ ଯେଉଁ ଜମି ସରକାରଙ୍କର ମାଲିକାନାରେ ଥାଏ ତାକୁ "ନନ୍-ଅବ୍‌ଜେକ୍‌ସନେବଲ୍ ଗ୍ରାମ" କୁହାଯାଏ, ଯାହାର ଅର୍ଥ ଏହାକୁ ଭୂମିହୀନମାନଙ୍କୁ ଘରବାଡ଼ି ରୂପେ ପ୍ରଦାନ କରାଯାଇପାରିବ । | • ରାଜସ୍ୱ ବିଭାଗ<br>• ମୁଖ୍ୟ ଜଙ୍ଗଲ ସଂରକ୍ଷକ (ପିସିସିଏଫ୍) | • ଜିଲ୍ଲା କଲେକ୍ଟର<br>• ମୁଖ୍ୟ ଜଙ୍ଗଲ ସଂରକ୍ଷକ (ସିସିଏଫ୍) | • ତହସିଲଦାର<br>• ଗ୍ରାମ ପଞ୍ଚାୟତ<br>• ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) |
| **ସର୍ବସାଧାରଣ ଖାତା**<br>• ଦାଣ୍ଡ (ରାସ୍ତା)<br>• ଗୋଚର ଜମି<br>• ମେଲାଣି ପଡ଼ିଆ ଏବଂ ହାଟପଦା (ଅନ୍ୟାନ୍ୟ ଗୋଷ୍ଠୀ ଭୂମି)<br>• ଶ୍ମଶାନ | • ଏହି ଭୂମି ଗୋଷ୍ଠୀ/ ସାମୁହିକ ବ୍ୟବହାରରେ ଲାଗେ<br>• ଏହା "ଅବ୍‌ଜେକ୍‌ସନେବଲ୍ କାଟେଗୋରୀ ଗ୍ରାମଭୂମି" ଯାହାକୁ କି ବାସଗୃହ ନିର୍ମାଣ କିମ୍ବା ଚାଷକାର୍ଯ୍ୟରେ ବ୍ୟବହାର କରାଯାଇପାରିବ ନାହିଁ । | • ରାଜସ୍ୱ ବିଭାଗ | • ଜିଲ୍ଲା କଲେକ୍ଟର | • ତହସିଲଦାର<br>• ଗ୍ରାମ ପଞ୍ଚାୟତ |



| TYPE OF COMMONS | DESCRIPTION/ USES | RESPONSIBLE INSTITUTIONS | | |
|---|---|---|---|---|
| | | STATE | DISTRICT OR MUNICIPALITY | BLOCK AND VILLAGE |
| **Rakhit Khata**<br>• *Gramkanth*<br>• *Parambhok*<br>• *Abadi*<br>• *Khashmahal*<br>• *Nazul*<br>• *Gramya Jungle*<br>• Lands transferred to Gram Panchayats by the Revenue Department.<br>• Lands Reserved for villages by the Revenue Department | • These lands are reserved by the Revenue Department for a variety of uses.<br>• Among these lands, the ones which are owned by the government are non-objectionable village, which means that they can be given to the landless for homestead purposes. | • Revenue Department<br>• Principal Chief Conservator of Forests (PCCF) | • District Collector (DC)<br>• Chief Conservator of Forests (CCF) | • Tahasildar<br>• Gram Panchayat<br>• Divisional Forest Officer (DFO) |
| **Sarbasadharana Khata**<br>• *Danda* (Road)<br>• *Gochar land* (Grazing land)<br>• *Melania Padia* and *Hata-Pada* (other communal lands)<br>• *Smasana* (burial ground, graveyard etc) | • These are used for communal purposes.<br>• They fall under the objectionable category of village land, and they cannot be encroached upon for either settlement or for cultivation. | • Revenue Department | DC | • Tahasildar<br>• Gram Panchayats |

| | | | | |
|---|---|---|---|---|
| **ଆବାଦ ଅଯୋଗ୍ୟ ଅନାବାଦୀ ଖାତା**<br>• ବନ୍ଧ, କଟା ଓ ଆଡ଼ି (ପୁଷ୍କରିଣୀ ଓ ଜଳାଶ୍ରୟ)<br>• ନାଳ, ମାହାରା ଏବଂ ନୟନଯୋଡ଼ି (ଭିନ୍ନ ଭିନ୍ନ ଆକାରର କେନାଲ) | • ଏହି ଜମିକୁ କୃଷି ଅଯୋଗ୍ୟ ନିଷ୍ଫଳା ଭୂମି ହିସାବରେ ଅଭିହିତ କରାଯାଇ ଗୋଷ୍ଠୀ କିମ୍ବା ସର୍ବସାଧାରଣ ବ୍ୟବହାର ପାଇଁ ଅଲଗା କରାଯାଇଅଛି ।<br>• ଏହା "ଅବ୍‌ଜେକ୍‌ସନେବଲ୍ କାଟେଗୋରୀ ଗ୍ରାମଭୂମି" ଯାହାକୁ କି ବାସଗୃହ କିମ୍ବା ଚାଷକାର୍ଯ୍ୟରେ ବ୍ୟବହାର କରାଯାଇପାରିବନାହିଁ । | • ରାଜସ୍ୱ ବିଭାଗ<br>• ଜଳସେଚ଼ନ ବିଭାଗ | • ଜିଲ୍ଲା କଲେକ୍‌ଟର | • ତହସିଲଦାର |
| **ଆବାଦଯୋଗ୍ୟ ଅନାବାଦୀ ଖାତା**<br>• ପତିତ (ତୃଣଭୂମି)<br>• ପରିତ୍ୟକ୍ତ ଜୋତ/ଭୂସମ୍ପତ୍ତି<br>• ହସ୍ତାନ୍ତରୀତ ଜୋତ/ଭୂସମ୍ପତ୍ତି<br>• ଛୋଟ ଜଙ୍ଗଲ | • ଏହାକୁ କୃଷିଯୋଗ୍ୟ ନିଷ୍ଫଳା ଭୂମି ହିସାବରେ ଅଭିହିତ କରାଯାଏ ଯାହାକି କୃଷିକାର୍ଯ୍ୟରେ ବ୍ୟବହୃତ ହେଉ ନଥାଏ କିମ୍ବା ପରବର୍ତ୍ତୀ ସମୟରେ ଏହା ସରକାର କିଣିଥାନ୍ତି କିମ୍ବା ଅଧିକାର କରିଥାନ୍ତି ।<br>• ଏହି କିସମର ଭୂମି ମଧ୍ୟରୁ ଯେଉଁ ଜମି ସରକାରଙ୍କର ଅଧିନରେ ଥାଏ ତାହାକୁ "ନନ୍-ଅବ୍‌ଜେକ୍‌ସନେବଲ୍ ଗ୍ରାମ" ବୋଲି ଅଭିହିତ କରାଯାଏ ଯାହାକି ଭୂମିହୀନ ମାନଙ୍କୁ ଘରବାଡ଼ି ନିମନ୍ତେ ପ୍ରଦାନ କରାଯାଇପାରେ । | • ରାଜସ୍ୱ ବିଭାଗ<br>• ପିସିସିଏଫ୍ | • ଜିଲ୍ଲା କଲେକ୍‌ଟର<br>• ସିସିଏଫ୍ | • ତହସିଲଦାର<br>• ଡ଼ିଏଫ୍‌ଓ |

• ଉପରୋକ୍ତ ତାଲିକାରେ ଉଲ୍ଲେଖ କରାଯାଇଥିବା ଦାୟିତ୍ୱବହନକାରୀ ଅନୁଷ୍ଠାନଗୁଡ଼ିକ କେବଳ ସଂକ୍ଷେପରେ ଦର୍ଶାଯାଇଅଛି ଯାହାକୁ କି ଏହି ଭୂମିର ପରିଚାଳନା ନିମନ୍ତେ ଯୋଗାଯୋଗ କରାଯାଇପାରିବ ।

| | | | | |
|---|---|---|---|---|
| **Abada Ajogya Anabadi Khata**<br>• *Bandha, Kata* and *Aadi* (Tanks and water bodies)<br>*Nala, Mahara* and *Nayanjori* (canals of varied sizes) | • These are classified as uncultivated wastelands which have been set aside for communal or public purposes.<br>• They fall under the objectionable category of village land, and they cannot be encroached upon for either settlement or for cultivation | • Revenue Department<br>• Irrigation Department | DC | • Tahasildar |
| **Abad Jogya Anabadi Khata**<br>• *Patita* (grassy land);<br>• Abandoned holdings;<br>• Surrendered holdings;<br>• *Char* and *Diara* lands; *Chot* jungles | • These are classified as cultivable wastelands and have either been left uncultivated or subsequently been acquired or purchased by the government.<br>• Among these types of land, the ones, which are owned by the government, are non-objectionable village, which means that they can be given to the landless for homestead purposes. | • Revenue Department<br>PCCF | • DC<br>• CCF | • Tahasildar<br>• DFO |

- The above list is only indicative of the institutions, which are responsible, and can be approached for the administration of these lands.



## Which national laws have a bearing on the commons?

## କେଉଁ ରାଷ୍ଟ୍ରୀୟ୍ ଆଇନ୍ ସର୍ବସାଧାରଣ ଭୂମି ସମ୍ପର୍କୀତ?

# ତଫସିଲଭୁକ୍ତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ ଅଧିବାସୀ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍, ୨୦୦୬

| ଏହାକୁ ସାଧାରଣତଃ କଣ ବୋଲି କୁହାଯାଏ | ଜଙ୍ଗଲ ଅଧିକାର ଆଇନ୍ (ଏଫ୍ଆର୍ଏ) |
|---|---|
| **ଆଇନ୍‌ର ଉଦ୍ଦେଶ୍ୟ** | ପାରମ୍ପରିକ ଜଙ୍ଗଲ ଅଧିବାସୀମାନେ କାଳ କାଳ ଧରି ସାମ୍ନା କରିଥିବା ଅନ୍ୟାୟ ରୂପକ ତ୍ରୁଟିର ନିବାରଣ ଏବଂ ପାରମ୍ପରିକ ଭାବେ ଜଙ୍ଗଲରେ ବସବାସ କରୁଥିବା ଅଧିବାସୀଙ୍କର ଜଙ୍ଗଲ ଅଧିକାରକୁ ସ୍ୱୀକୃତି ପ୍ରଦାନ ଓ ଜଙ୍ଗଲ ଜମିରେ ଅଧିକାର ପ୍ରଦାନ ଦ୍ୱାରା ଜଙ୍ଗଲର ପରିବେଶ ଓ ଜୀବମଣ୍ଡଳର ସମତୁଲତାକୁ ସୁରକ୍ଷା ପ୍ରଦାନ ପାଇଁ ଆଇନ୍ ପ୍ରଣୟନ |
| **ଗୋଷ୍ଠୀ ଜଙ୍ଗଲ ସମ୍ପଦ (ସିଏଫ୍ଆର୍) ର ସଂଜ୍ଞା** | • ଏକ ଗ୍ରାମର ପାରମ୍ପରିକ ପରିସୀମା ମଧ୍ୟରେ ଅବସ୍ଥିତ ସର୍ବସାଧାରଣ ଜଙ୍ଗଲ ଜମି କିମ୍ବା ପଶୁଚାରଣ ଉପରେ ନିର୍ଭରଶୀଳ ଗୋଷ୍ଠୀର ଋତୁକାଳୀନ ବ୍ୟବହାର୍ଯ୍ୟ ଭୂଭାଗ ।<br>• ଏହା ସଂରକ୍ଷିତ ଜଙ୍ଗଲ, ସୁରକ୍ଷିତ ଜଙ୍ଗଲ ଏବଂ ଅନ୍ୟାନ୍ୟ ସୁରକ୍ଷିତ ଭୂମି ଯାହା ପାରମ୍ପରିକ ଭାବରେ ଗୋଷ୍ଠୀ / ସର୍ବସାଧାରଣଙ୍କ ଦ୍ୱାରା ବ୍ୟବହାର ହୋଇଥାଏ ସେସବୁକୁ ସାମିଲ କରେ । |
| **ଉପଲବ୍ଧ ଅଧିକାର** | • ସୁରକ୍ଷା<br>• ପନରୁଜ୍ଜୀବନ<br>• ସଂରକ୍ଷଣ<br>• ପରିଚାଳନା<br>} ସିଏଫ୍ଆର୍ ଯାହା ପାରମ୍ପରିକ ଭାବେ ସେମାନଙ୍କ ଦ୍ୱାରା ସଂରକ୍ଷିତ ବା ସୁରକ୍ଷିତ |
| **ଅଧିକାର ପ୍ରଦାନ ପ୍ରକ୍ରିୟା** | • ଅଧିକାର ସୀମା / ପ୍ରକାର ନିରୂପଣ<br>• ସିଏଫ୍ଆର୍‌ର ତଦାରଖ<br>• ତଦାରଖ ପରେ ଏକ ସର୍ବସାଧାରଣ ଆନୁଷ୍ଠାନିକ ପ୍ରସ୍ତାବର ଅନୁମୋଦନ<br>• ଗ୍ରାମସଭା ଦ୍ୱାରା ଅନ୍ତିମ ଅନୁମୋଦନ ପ୍ରଦାନ |

# THE SCHEDULED TRIBES AND OTHER TRADITIONAL FOREST DWELLERS (RECOGNITION OF FOREST RIGHTS) ACT, 2006

| COMMON NAME | THE FOREST RIGHTS ACT (FRA) |
|---|---|
| **Purpose of the Act** | An enactment to correct the historical injustice suffered by traditional forest dwellers and protecting the ecological balance in forests by recognising and vesting certain rights for the traditional forest dwellers. |
| **Definition of a Community Forest Resource (CFR)** | • Common Forest Land, which is situated within traditional boundaries of villages or in the seasonal use of landscape of a pastoral community.<br>• It includes reserve forests, protected forests and protected areas to which there existed traditional access. |
| **Available Rights** | • Protection<br>• Regeneration<br>• Conservation<br>• Management<br>} of CFRs which have been traditionally protected or conserved by them. |
| **Procedure for vesting of rights** | • Determination of the nature and extent of the rights<br>• Verification of the CFRs<br>• Passing of a common resolution after the verification is complete<br>• Final approval by the Gram Sabha |

| କେତେକ ଅନ୍ୟାନ୍ୟ ଆଇନ୍ | | OTHER RELEVANT LAWS | |
|---|---|---|---|
| **ଦି କୋଷ୍ଟାଲ୍ ରେଗୁଲେସନ୍ ଜୋନ୍ (ସିଆର୍‌ଜେଡ୍) ନୋଟିଫିକେସନ୍, ୨୦୧୧** | ସିଆର୍‌ଜେଡ୍ ନୋଟିଫିକେସନ୍ ଅନୁଯାୟୀ ରାଜ୍ୟମାନେ ଉପକୂଳ ମଣ୍ଡଳ/ ଅଞ୍ଚଳ ପରିଚାଳନା ମାନଚିତ୍ର ପ୍ରସ୍ତୁତ କରିବେ ଯେଉଁଥିରେକି ମତ୍ସ୍ୟଜୀବୀ ଗୋଷ୍ଠୀଙ୍କର ଗୋଷ୍ଠୀ ସମ୍ପତ୍ତିକୁ ସ୍ପଷ୍ଟଭାବରେ ଚିହ୍ନିତ କରାଯାଇଥିବ | **THE COASTAL REGULATION ZONE (CRZ) NOTIFICATION, 2011** | The CRZ Notification requires States to prepare Coastal Zonal Management Maps in which the common properties of fishing communities must be clearly demarcated. |
| **ଭୂମି ଅଧିଗ୍ରହଣ, ଥଇଥାନ ଓ ପୁନର୍ବସତିରେ ନ୍ୟାଯ୍ୟୋଚିତ କ୍ଷତିପୂରଣ ଏବଂ ପରିଦର୍ଶିତାର ଅଧିକାର (ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍) ଆଇନ୍, ୨୦୧୩** | ଜମିଅଧିଗ୍ରହଣ ହେବାକୁ ଥିବା ଅଞ୍ଚଳରେ ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅନୁଯାୟୀ ସାମାଜିକ ପ୍ରଭାବ ଆକଳନ (ସୋସିଆଲ୍ ଇମ୍ପାକ୍ଟ୍ ଆସେସ୍‌ମେଣ୍ଟ୍ -ଏସ୍‌ଆଇଏ) କରାଯିବା ଆବଶ୍ୟକ ।<br>ଏସ୍‌ଆଇଏ କରିବା ସମୟରେ ଯେଉଁ ଯେଉଁ ଗୋଷ୍ଠୀ ସମ୍ପତ୍ତି ପ୍ରଭାବିତ ହେବ ଓ ତାହାର ମାତ୍ରାର ସବିଶେଷ ବିବରଣୀ ପ୍ରସ୍ତୁତ କରାଯିବ ।<br>ଏହି ଆଇନ୍ ଅନୁଯାୟୀ ଥଇଥାନ ଓ ପୁନର୍ବସତିର ଯୋଜନା ପ୍ରସ୍ତୁତ କରାଯିବ ।<br>ଯେକୌଣସି ଗୋଷ୍ଠୀ ସମ୍ପତ୍ତି (ସିପିଆର୍) ବ୍ୟବହାର ହେଉଥିଲେ ଯୋଜନାରେ ତାହାର ସବିଶେଷ ବିବରଣୀ ପ୍ରଦାନ କରାଯିବ । | **THE RIGHT TO FAIR COMPENSATION AND TRANSPARENCY IN LAND ACQUISITION, REHABILITATION AND RESETTLEMENT (RFCTLARR) ACT, 2013** | The RFCTLARR requires a Social Impact Assessment (SIA) to be carried out in the area where land is to be acquisitioned.<br>While carrying out the SIA, details of the extent of common properties likely to be affected must be included.<br>As per the Act, a Rehabilitation and Resettlement Scheme is also required to be prepared.<br>While preparing the scheme, details of any CPRs being used must be specified. |
| **ତଫସିଲଭୁକ୍ତ ଅଞ୍ଚଳକୁ ପଞ୍ଚାୟତିରାଜ ସଂପ୍ରସାରଣ (ପେସା) ଆଇନ୍, ୧୯୯୬** | ଜନସାଧାରଣଙ୍କର ଗୋଷ୍ଠୀ ସମ୍ପତ୍ତିକୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଗ୍ରାମସଭାକୁ ପେସା ଆଇନ୍ କ୍ଷମତା ପ୍ରଦାନ କରିଛି ।<br>କ୍ଷୁଦ୍ର ଜଳାଶୟ ଏବଂ ଗ୍ରାମ୍ୟ ବଜାରର ଯୋଜନା ଓ ପରିଚାଳନାର ଦାୟିତ୍ୱ ପଞ୍ଚାୟତକୁ ପ୍ରଦାନ କରାଯାଇଅଛି । | **THE PANCHAYATS EXTENSION TO SCHEDULED AREAS (PESA) ACT, 1996** | The PESA Act, empowers the Gram Sabhas to safeguard the community resources of the people.<br>The planning and management of minor water bodies and village markets lie with the Panchayats. |



## Which state laws have a bearing on the commons?

## କେଉଁ କେଉଁ ରାଜ୍ୟ ଆଇନ୍ ସର୍ବସାଧାରଣ/ ଗୋଷ୍ଠୀ ସମ୍ପତ୍ତି ସମ୍ପର୍କୀତ?

| THREAT TO THE COMMONS/ISSUES PERTAINING TO THE COMMONS: | AVAILABLE LAWS: | RESPONSIBLE INSTITUTIONS: | POWERS AND FUNCTIONS OF THE INSTITUTIONS: |
|---|---|---|---|
| **CONSERVATION OF COMMONS** | Orissa Government Land Settlement (OGLS) Act, 1962 and Rules of 1983 | Collector, or any person above the rank of a Collector | This Act allows the State government to reserve Government land for communal purposes.<br>• It also provides a procedure for the de-reservation of Government land. In such cases the following procedure must be followed:<br>• A notice for de-reservation must be sent to the village.<br>• Objections to the notice of de-reservation have to be filed to the Tahasildar within 30 days.<br>• Objections have to be heard by the Tahasildar and he must pass on his recommendations to the concerned authority.<br>• A reasoned order for de-reservation must be made thereafter.<br>The law also provides for the preparation of schemes for the management of Gochar land in cases wherein no such schemes have been made under the Orissa Gram Panchayat Act, 1964. |
| | Orissa Communal Forests and Private Lands (Prohibition of Alienation) Act, 1948 | Collector | • Communal Land: Gochar, rakhit or sarbasadharan lands, or wastelands, which have been either expressly or impliedly, set aside for communal purposes.<br>• Forest Land: Any wasteland containing shrubs and trees, or any plot of land which has been declared as a forest via a notification by the state government.<br>• No person can alienate a piece of land if it falls under the parameters of the above two definitions without the prior approval of the Collector.<br>• In case of any contraventions, there can be a fine of up to Rs. 1,000 and the transaction itself will be void. |
| | Orissa Gram Panchayat Act, 1964 | Gram Panchayat | The Grama Panchayat has the duty to:<br>• Remove unauthorised obstructions, projections and encroachments on or upon public streets and other public places |
| **REMOVAL OF ENCROACHMENTS**<br>(Encroachment here refers to the unauthorised occupation of land by large private players and commercial enterprises. The term however has been misused at times and rightful users of the land have been removed from their lands by being labelled as encroachers, which goes against the spirit of what was laid down in the Jagpal Singh decision.) | Orissa Prevention of Land Encroachment Act, 1972 | The Tahasildar, Chief Officer in charge of Revenue administration of a Tahasil | Occupants of unauthorised land have to pay:<br>• The rent for the unauthoised period of occupation.<br>• If the rent was not determined, it will be determined by the Tahasildar on rent payable for similar lands in the area.<br>• The payment shall not confer occupancy rights.<br>Penalties:<br>• In addition to the amount assessed above, a penalty of Rs. 100 per acre will have to paid.<br>• After the assessment and payment of penalties, the person shall be liable to be evicted from the land.<br>In cases where the encroachment is being done by a landless person, the Tahasildar, shall settle that plot of land with him. Such settlements are not however permitted in the following categories of land:<br>• Gochar, Rakshit, Sarbasadharan land;<br>• Land set aside for community purposes;<br>• House sites, back yards or temple sites;<br>• Land belonging to Government undertakings or departmental lands or companies where 51% of share is held by the Government. |
| | Orissa Irrigation Act, 1959 | • The Collector;<br>• Any Irrigation officer appointed by the State Government under this Act. | • In case the State Government feels that an injury to public health or public conveniences may arise from the obstruction of a river, spring, stream, irrigation o drainage work, the formation of such an obstruction can be prohibited by the State Government. The same can also be removed by them.<br>• Convictions for causing obstructions:<br>i. A person who makes an obstruction or refuses to remove it can be liable for the offence of mischief under the Indian Penal Code of 1860 and be convicted with a fine of Rs. 500 or imprisonment of up to 6 months or both.<br>ii. The cost of removal of such obstructions will have to be borne by the person who causes the obstructions. |
| | Odisha Land Grabbing (Prohibition) Act, 2015 | A Special Court and Benches have been set up under this Act. | • For the purposes of this Act, land is defined as that which is owned, controlled and managed by the Government, the Bhoodan Yagna Samiti, a public religious or charitable institution or endowment.<br>• A person who commits land grabbing shall be punished with:<br>i. Imprisonment: From 1 year to 7 years.<br>ii. Fine: Extending up to Rs. 20, 000/-<br>• An officer can make an arrest without a warrant and there is no option for getting bail for offences under this ordinance. |

| ସର୍ବସାଧାରଣ/ ଗୋଷ୍ଠୀ ସମ୍ପତ୍ତି ପ୍ରତି ବିପଦ/ ସର୍ବସାଧାରଣ/ ଗୋଷ୍ଠୀ ସମ୍ପତ୍ତି ବିଷୟକ | ଆଇନ୍ | ଦାୟିତ୍ୱ ବହନକାରୀ ଅନୁଷ୍ଠାନ | ଅନୁଷ୍ଠାନର କର୍ତ୍ତବ୍ୟ ଓ କ୍ଷମତା |
|---|---|---|---|
| **ସର୍ବସାଧାରଣ/ ଗୋଷ୍ଠୀ ସମ୍ପତ୍ତିର ସଂରକ୍ଷଣ** | ଓଡ଼ିଶା ସରକାର ଭୂ-ବନ୍ଦୋବସ୍ତ (ଓଜିଏଲ୍ଏସ୍) ଆଇନ୍, ୧୯୬୨ ଓ ନିୟମାବଳୀ ୧୯୮୩ | ଜିଲ୍ଲା କଲେକ୍ଟର କିମ୍ବା କିଲେକ୍ଟରଙ୍କର ଠାରୁ ଉପରିସ୍ଥ ଅଧିକାରୀ | ଏହି ଆଇନ୍ ରାଜ୍ୟ ସରକାରଙ୍କୁ ସରକାରୀ ଜମି ସର୍ବସାଧାରଣ ବ୍ୟବହାର ଉଦ୍ଦେଶ୍ୟରେ ସଂରକ୍ଷିତ ରଖିବା ପାଇଁ ଅନୁମତି ପ୍ରଦାନ କରେ। ଏହାମଧ୍ୟ ସରକାରୀ ଜମିକୁ ସଂରକ୍ଷଣରୁ ବାଦ ଦେବା ପ୍ରକ୍ରିୟା ଉଲ୍ଲେଖ କରେ । ଏହିପରି କ୍ଷେତ୍ରରେ ନିମ୍ନଲିଖିତ ପ୍ରକ୍ରିୟା ଅବଲମ୍ବନ କରିବାକୁ ହୁଏ;<br>• ଭୂମିକୁ ସଂରକ୍ଷଣରୁ ବାଦ୍ ଦେବାପାଇଁ ଗ୍ରାମକୁ ନୋଟିସ୍ ପ୍ରେରଣ<br>• ଭୂମିକୁ ଅସଂରକ୍ଷିତ କରିବା ନୋଟିସ୍ ବିରୋଧରେ ୩୦ ଦିନ ମଧ୍ୟରେ ତହସିଲଦାରଙ୍କର ନିକଟରେ ଅଭିଯୋଗ ପ୍ରଦାନ କରିବାକୁ ହୁଏ ।<br>• ତହସିଲଦାର ଆପତ୍ତିର ଶୁଣାଣି କରି ତାଙ୍କର ସୁପାରିଶ ସଂପୃକ୍ତ ଅଧିକାରୀଙ୍କର ପାଖକୁ ପଠାନ୍ତି।<br>• ଭୂମିକୁ ଅସଂରକ୍ଷିତ କରିବା ବାବଦରେ ଏକ ଯୁକ୍ତିସଂଗତ ଆଦେଶ ପ୍ରଦାନ କରାଯାଏ।<br>• ଗୋଚର ଜମିର ପରିଚାଳନା ନିମନ୍ତେ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍, ୧୯୬୪ ଅଧିନରେ କୌଣସି ଯୋଜନା ନହୋଇଥିଲେ, ଗୋଚର ଜମି ପରିଚାଳନା ପାଇଁ ଏହି ଆଇନ୍ ଅନୁଯାୟୀ ଯୋଜନା ପ୍ରସ୍ତୁତ କରାଯାଏ । |
| | ଓଡ଼ିଶା ଗୋଷ୍ଠୀ ଜଙ୍ଗଲ ଏବଂ ବେସରକାରୀ ଭୂସମ୍ପତ୍ତି (ବେଆଇନ୍ ହସ୍ତାନ୍ତରିକରଣ ନିଷେଧ) ଆଇନ୍, ୧୯୪୮ | କଲେକ୍ଟର | • ଗୋଷ୍ଠୀ ଭୂସମ୍ପତ୍ତି ଗୋଚର, ରକ୍ଷିତ କିମ୍ବା ସର୍ବସାଧାରଣ ଭୂମି, ନିଷ୍ଫଳା ଜମି ଯାହା ପ୍ରତ୍ୟକ୍ଷ ବା ପରୋକ୍ଷରେ ଗୋଷ୍ଠୀ/ ସର୍ବସାଧାରଣ ବ୍ୟବହାର ନିମନ୍ତେ ଅଲଗା କରାଯାଇଅଛି।<br>• ଜଙ୍ଗଲ ଜମି ଗୁଳ୍ମ ବା ବୃକ୍ଷ ଆଚ୍ଛାଦିତ ଯେକୌଣସି ନିଷ୍ଫଳା ଜମି ଅବା ଭୂମିର ଏକ ଅଂଶ ଯାହାକୁ ରାଜ୍ୟ ସରକାର ବିଜ୍ଞପ୍ତି ମାଧ୍ୟମରେ ଜଙ୍ଗଲଜମି ବୋଲି ଘୋଷଣା କରିଛନ୍ତି।<br>• ଉପରେ ଦିଆଯାଇଥିବା ସଂଜ୍ଞାର ମାପଦଣ୍ଡ ଅନୁଯାୟୀ ଏହାର ଅନ୍ତର୍ଭୁକ୍ତ କୌଣସି ଜମିକୁ କୌଣସି ବ୍ୟକ୍ତି କଲେକ୍ଟରଙ୍କର ବିନାଅନୁମତିରେ ହସ୍ତାନ୍ତର କରିପାରିବେ ନାହିଁ।<br>• ଆଇନ୍ ଉଲଙ୍ଘନ ସ୍ଥଳେ ଟ.୧୦୦୦ ପର୍ଯ୍ୟନ୍ତ ଜୋରିମାନା ଓ ହସ୍ତାନ୍ତରୀକରଣକୁ ଆଇନତଃ ଅବୈଧ ଘୋଷଣା କରାଯିବ। |
| | ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ୍,୧୯୬୪ | ଗ୍ରାମ ପଞ୍ଚାୟତ | ଗ୍ରାମ ପଞ୍ଚାୟତ ନିମ୍ନଲିଖିତ କର୍ତ୍ତବ୍ୟ ନିର୍ବାହନ କରିବ<br>• ସର୍ବସାଧାରଣ ଗୋଚର ଜମି ଏବଂ ସେହିପରି ଅନ୍ୟାନ୍ୟ ସର୍ବସାଧାରଣଙ୍କର ହିତ ଉଦ୍ଦିଷ୍ଟ ଭୂମିର ସୁରକ୍ଷା, ରକ୍ଷଣାବେକ୍ଷଣ ଓ ବିକାଶ<br>• ପଞ୍ଚାୟତ ପୋଖରୀ ଏବଂ ଅନ୍ୟାନ୍ୟ ସର୍ବସାଧାରଣ ସମ୍ବଳ ଉପରେ ଟିକସ ଲାଗୁ କରିବା<br>• ଅନନୁମୋଦିତ ପଥରୋଧ, ଜବରଦଖଲ ଓ ଅଭିକ୍ଷେପଣ ସର୍ବସାଧାରଣ ରାସ୍ତା ଏବଂ ଅନ୍ୟାନ୍ୟ ସର୍ବସାଧାରଣ ସ୍ଥାନରୁ ହଟାଇବା |
| **ଜବରଦଖଲ ହଟାଇବା**<br>(ଏଠାରେ ଜବରଦଖଲର ଅର୍ଥ ବଡ଼ବଡ଼ ବେସରକାରୀ ଅନୁଷ୍ଠାନ ଏବଂ ବ୍ୟବସାୟିକ ସଂସ୍ଥାଦ୍ୱାରା ଅନନୁମୋଦିତ ଭୂମି ଦଖଲ। ଏହି ଶବ୍ଦର ଅପବ୍ୟବହାର ଅନେକ ସ୍ଥଳରେ ଦେଖିବାକୁ ମିଳେ ଯେପରିକି ଜମିର ଯଥାର୍ଥ ବ୍ୟବହାରକାରୀଙ୍କୁ ଜବର ଜବରଦଖଲକାରୀ ବୋଲି ଅଭିହିତ କରାଯାଇ ଭୂମିରୁ ବେଦଖଲ କରାଯାଏ ଯାହାକି ଜଗପାଲ ସିଂ ମାମଲାରେ କୋର୍ଟ ଦେଇଥିବା ନିଷ୍ପତ୍ତିର ବିରୁଦ୍ଧାଚରଣ କରେ) | ଓଡ଼ିଶା ଭୂମି ଜବରଦଖଲ ପ୍ରତିରୋଧ ଆଇନ୍, ୧୯୭୨ | ତହସିଲଦାର; ତହସିଲସ୍ତରର ରାଜସ୍ୱ ପ୍ରଶାସନର ମୁଖ୍ୟ ଅଧିକାରୀ | ଅନନୁମୋଦିତ ଭାବରେ ଭୂମି ଜବରଦଖଲକାରୀଙ୍କୁ ନିମ୍ନମତେ ଦେୟ ପ୍ରଦାନ କରିବାକୁ ହୁଏ<br>• ଅନନୁମୋଦିତ ଭାବେ ଜବରଦଖଲ କରିଥିବା ସମୟ ଅବଧିର ଉଡ଼ା<br>• ଯଦି ଉଡ଼ାର ମୂଲ୍ୟ ନିର୍ଦ୍ଧାରିତ ହୋଇନଥାଏ ତେବେ ସେହି ଅଞ୍ଚଳରେ ସେହି କିସମର ଜମିର ଭଡ଼ା ଅନୁଯାୟୀ ତହସିଲଦାର ଭଡ଼ା ମୂଲ୍ୟ ନିର୍ଦ୍ଧାରଣ କରିବେ ।<br>• ଭଡ଼ାପଇଠ ଦଖଲକୁ ମାଲିକାନା ଅଧିକାରରେ ପରିବର୍ତ୍ତନ କରିପାରିବ ନାହିଁ ।<br>ଜୋରିମାନା:<br>• ଉପରୋକ୍ତ ଆକଳନ କରାଯାଇଥିବା ଦେୟ ଅଧିକନ୍ତୁ ଏକର ପିଛା ଟ. ୧୦୦ଟଙ୍କା ହିସାବରେ ଜୋରିମାନା ଦେବାକୁ ହେବ।<br>• ଜୋରିମାନା ଆକଳନ ଓ ପଇଠ ପରେ ଜବରଦଖଲକାରୀଙ୍କୁ ସେହି ଜମିରୁ ହଟାଯାଇଥାଏ।<br>ଯେଉଁ କ୍ଷେତ୍ରରେ ଜବରଦଖଲକାରୀ ଭୂମିହୀନ ହୋଇଥାନ୍ତି ସେହି କ୍ଷେତ୍ରରେ ତହସିଲଦାର ସେହି ଜମିର ଅଧିକାର ଭୂମିହୀନ ବ୍ୟକ୍ତିଙ୍କୁ ପ୍ରଦାନ କରନ୍ତି। କିନ୍ତୁ ଏପରି ଭୂଅଧିକାର ନିମ୍ନଲିଖିତ କ୍ଷେତ୍ରରେ ପ୍ରଦାନ କରିବା ପାଇଁ ଅନୁମତି ନାହିଁ ;<br>• ଗୋଚ୍ଚର, ରକ୍ଷିତ, ସର୍ବସାଧାରଣ ଭୂମି<br>• ଗୋଷ୍ଠୀ ବ୍ୟବହାର ନିମନ୍ତେ ଚିହ୍ନିତ ଜମି<br>• ବାସଗୃହ ସ୍ଥାନ, ଘରପଛପଟ ସ୍ଥାନ, ମନ୍ଦିର ପାଇଁ ସ୍ଥାନ<br>• ସରକାରୀ ପ୍ରତିଷ୍ଠାନ କିମ୍ବା ସରକାରୀ ବିଭାଗର ମାଲିକାନାରେ ଥିବା ଭୂମି କିମ୍ବା ଏପରି କମ୍ପାନୀ ଯେଉଁଥିରେ ସରକାରଙ୍କର ୫୧ ଶତକଡ଼ା ଅଂଶଧନ ଥାଏ। |
| | ଓଡ଼ିଶା ସେଚ ଆଇନ୍, ୧୯୫୯ | • କଲେକ୍ଟର<br>• ରାଜ୍ୟ ସରକାରଙ୍କର ଦ୍ୱାରା ଏହି ଆଇନ୍ ଅଧିନରେ ନିଯୁକ୍ତ କୌଣସି ସେଚ୍ ଅଧିକାରୀ | • ଯଦି ରାଜ୍ୟ ସରକାରଙ୍କର ହୃଦବୋଧ ହୁଏ ଯେ ନଦୀ, ନାଳ, ଝରଣା, ସେଚ, କିମ୍ବା ଜଳ ନିଷ୍କାସନ ପ୍ରକଳ୍ପର ପ୍ରତିରୋଧ ଫଳରେ ଜନସ୍ୱାସ୍ଥ୍ୟ କିମ୍ବା ସର୍ବସାଧାରଣ ସୁବିଧାର କୌଣସି କ୍ଷତିହେବ; ତେବେ ସେପରି ପ୍ରତିରୋଧକୁ ରାଜ୍ୟ ସରକାର ବାରଣ କରିବେ। ଏପରି ହୋଇଥିବା ସ୍ଥଳେ ଏହାକୁ ହଟାଇ ଦିଆଯିବ।<br>• ପ୍ରତିରୋଧ ପାଇଁ ଦଣ୍ଡବିଧାନ<br>କ) କୌଣସି ବ୍ୟକ୍ତି ପ୍ରତିରୋଧ ସୃଷ୍ଟି କଲେ କିମ୍ବା ଏହାକୁ ହଟାଇବାକୁ ମନାକଲେ ସେ ଭାରତୀୟ ଅପରାଧ ଆଇନ୍, ୧୮୬୦ ଅନୁଯାୟୀ ଜନଜୀବନର ଅନିଷ୍ଟ ସୃଷ୍ଟି କରୁଥିବା ଅପରାଧରେ ଦୋଷୀ ସାବ୍ୟସ୍ତ ହେବା ସହ ଟ.୫୦୦ ଟଙ୍କାର ଜୋରିମାନା କିମ୍ବା ୬ ମାସ ଜେଲଦଣ୍ଡ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ।<br>ଖ) ପ୍ରତିରୋଧ ସୃଷ୍ଟି କରୁଥିବା ବ୍ୟକ୍ତି ପ୍ରତିରୋଧ ଦୂର କରିବା ନିମନ୍ତେ ଅର୍ଥବ୍ୟୟର ଭରଣା କରିବେ। |
| | ଓଡ଼ିଶା ଭୂମି ଆତ୍ମସାତ୍ (ନିଷେଧ) ଆଇନ୍, ୨୦୧୫ (ଓଡ଼ିଶା ଲ୍ୟାଣ୍ଡ ଗ୍ରାବିଙ୍ଗ୍ ପ୍ରୋହିବିସନ୍ ଆକ୍ଟ, ୨୦୧୫) | ଏହି ଆଇନ୍ ଅଧିନରେ ସ୍ୱତନ୍ତ୍ର କୋର୍ଟ ଓ ବେଞ୍ଚ ପ୍ରତିଷ୍ଠା କରାଯାଇଅଛି | • ଏହି ଆଇନ୍ ଅନୁଯାୟୀ; ସରକାର, ଭୂଦାନ ଯଜ୍ଞ ସମିତି, ଧାର୍ମିକ ଅନୁଷ୍ଠାନ କିମ୍ବା ବାଦାନ୍ୟ ସଂସ୍ଥା କିମ୍ବା ଏଣ୍ଡାମେଣ୍ଟ୍ର ମାଲିକାନା, ନିୟନ୍ତ୍ରଣ ଓ ପରିଚାଳନାରେ ଥିବା ଭୂଭାଗକୁ ଭୂମିର ସଂଜ୍ଞା ପ୍ରଦାନ କରାଯାଇଅଛି। ଭୂମି ଆତ୍ମସାତ୍ କରିଥିବା ବ୍ୟକ୍ତିଙ୍କୁ ନିମ୍ନୋକ୍ତ ଦଣ୍ଡବିଧାନ କରାଯାଇଥାଏ<br>କ) ଜେଲଦଣ୍ଡ: ୧ ବର୍ଷରୁ ୭ ବର୍ଷ ପର୍ଯ୍ୟନ୍ତ<br>ଖ) ଜୋରିମାନା: ଟ. ୨୦୦୦୦ ପର୍ଯ୍ୟନ୍ତ<br>• ଅଧିକାରୀ ବିନା ୱ୍ୱାରେଣ୍ଟରେ ଅପରାଧିଙ୍କୁ ଗିରଫ କରିପାରିବେ ଏବଂ ଏହି ଅପରାଧ ପାଇଁ ଜାମିନ ମିଳେନାହିଁ । |

# ଜବରଦଖଲକୁ ଯତ୍ନପୂର୍ବକ ନିରୂପଣ କରିବା କାହିଁକି ଆବଶ୍ୟକ?



ଜବରଦଖଲକୁ ଯତ୍ନପୂର୍ବକ ନିରୂପଣ କରିବାର ଆବଶ୍ୟକତାର କାରଣ;

- ଜମିର ଖାତାଖତିଆନ ଭଲଭାବରେ ରକ୍ଷଣାବେକ୍ଷଣ ହେଉନଥିବା ହେତୁ ବିବଦୀୟ ଜମିର ମାଲିକାନା ନିରୂପଣ କରିବା କଷ୍ଟକର ।
- ଏକ ନିର୍ଦ୍ଦିଷ୍ଟ ଜମି ବାବଦରେ ଅଧିକାଂଶ କ୍ଷେତ୍ରରେ ଗୋଟିଏରୁ ଅଧିକ ଦାବୀଦାର ଥାଆନ୍ତି ।
- ଜମିର ଯୁକ୍ତିଯୁକ୍ତ /ଆଇନ୍‌ସଙ୍ଗତ ବ୍ୟବହାରକାରୀ/ ଭୋଗଦଖଲକାରୀଙ୍କୁ ଜବରଦଖଲକାରୀ ବୋଲି ଅଭିହିତ କରି ତାଙ୍କୁ ଭୂମିରୁ ବଞ୍ଚିତ କରାଯିବାର ସମ୍ଭାବନା ଅଛି ।



# What is the need to carefully ascertain encroachments?



The need to carefully ascertain encroachments arises since:

- The land records are not maintained very well and it is difficult to ascertain the ownership of the land in question.
- There are often more than one claims with respect to a particular piece of land.
- The rightful users of the land can also be labelled as encroachers and alienated from their lands.

## WHAT IS THE SIGNIFICANCE OF THE SUPREME COURT'S JUDGEMENT OF JAGPAL SINGH & ORS V. STATE OF PUNJAB & ORS?

In this case, certain houses had been constructed by private individuals on a village pond which had been approved by the local panchayat. When the District Commissioner found that the village pond was being used to provide water for the cattle, he directed that the private individuals be evicted from the land. These individuals filed a Special Leave Application before the Supreme Court after a Writ Petition was dismissed by the High Court of Punjab and Haryana.

The two judge bench of Justice Markandey Katju and Justice Gyan Sudha Mishra recognised that common village lands were being encroached upon by private individuals and there was thus a need to remove all the existing encroachments and ensure that such encroachments were not regularised.

## QUOTES FROM THE JUDGEMENT

"The protection of the common rights of the villagers were so zealously protected that some legislation expressly mentioned that even the vesting of property with the State did not mean that the common rights of villagers were lost by such vesting."

"In many states Government orders have been issued by the State Government permitting allotment of Gram Sabha land to private persons and commercial enterprises on payment of some money. In our opinion all such Government orders are illegal, and should be ignored."

"In this connection we wish to say that our ancestors were not fools. They knew that in certain years there may be droughts or water shortages for some other reason, and water was also required for cattle to drink and bathe in etc. Hence they built a pond attached to every temple, etc. These were their traditional rain water harvesting methods, which has served them for thousands of years."

"Regularisation should only be permitted in exceptional cases e.g. where lease has been granted under some Government Notification to landless labourers or members of Scheduled Castes/Tribes, or where there is already a school, dispensary or other public utility on the land."

## ଜଗପାଲ ସିଂ ବନାମ ପଞ୍ଜାବ ସରକାର ମାମଲାରେ ସୁପ୍ରିମ କୋର୍ଟଙ୍କର ନିଷ୍ପତ୍ତିର ବିଶେଷତ୍ୱ?

ଏହି ମାମଲାରେ କେତେକ ବ୍ୟକ୍ତି ସ୍ଥାନୀୟ ପଞ୍ଚାୟତର ଅନୁମୋଦନ ହାସଲ କରି ଗ୍ରାମର ପୋଖରୀ ଉପରେ ବାସଗୃହ ନିର୍ମାଣ କରିଥିଲେ। ଯେତେବେଳେ ଜିଲ୍ଲା କମିଶନର ଜାଣିବାକୁ ପାଇଲେ ଯେ ପୋଖରୀର ପାଣି ଜୀବଜନ୍ତୁଙ୍କର ପାଇଁ ବ୍ୟବହାରରେ ଆସୁଛି; ସେ ସେଠାରେ  ବାସକରୁଥିବା ଲୋକମାନଙ୍କୁ ହଟାଇବାକୁ ନିର୍ଦ୍ଦେଶ ଦେଲେ। ପଞ୍ଜାବ ଓ ହରିୟାନା ଉଚ୍ଚ ନ୍ୟାୟଳୟରେ ରିଟ୍ ଆବେଦନ ଖାରଜ ହେବା ପରେ ସଂପୃକ୍ତ ବ୍ୟକ୍ତିମାନେ ଉଚ୍ଚତମ ନ୍ୟାୟାଳୟରେ ସ୍ପେଶାଲ୍ ଲିଭ୍ ଆବେଦନ ଦାଖଲ କଲେ।

ଜଷ୍ଟିସ୍ ମାର୍କଣ୍ଡେୟ କାଟ୍‌ଜୁ ଓ ଜଷ୍ଟିସ୍ ଗ୍ୟାନସୁଧା ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ତାଙ୍କର ନିଷ୍ପତ୍ତିରେ  ଉଲ୍ଲେଖ କଲେ ଯେ ଗ୍ରାମ ସର୍ବସାଧାରଣ ଭୂମିକୁ ବ୍ୟକ୍ତିବିଶେଷ ଜବରଦଖଲ କରୁଛନ୍ତି ଓ ସମସ୍ତ ଜବରଦଖଲ ଉଚ୍ଛେଦର ଆବଶ୍ୟକତା ଅଛି ଏବଂ ଜବରଦଖଲ ଯେପରି ନିୟମିତ ହୋଇନଯାଏ ତାହା ସୁନିଶ୍ଚିତ କରିବାକୁ ହେବ।

## ନିଷ୍ପତ୍ତିର ଉଦ୍ଧୃତାଂଶ

ଗ୍ରାମବାସୀଙ୍କର ସାମୂହିକ ଅଧିକାରକୁ କେତେକ ବିଧେୟକରେ ଏପରି ଉତ୍ସାହର ସହ ସୁରକ୍ଷା ପ୍ରଦାନ କରାଯାଇଅଛି  ଯେ କୌଣସି ସମ୍ପତ୍ତିର ମାଲିକାନା ସରକାରଙ୍କରଠାରେ ନ୍ୟସ୍ତଥିଲେ ସେ ସମ୍ପତ୍ତି ଉପରେ ଗ୍ରାମବାସୀଙ୍କର ଅଧିକାର ନାହିଁ ବୋଲି କୁହାଯାଇପାରିବନାହିଁ ବୋଲି ଉଲ୍ଲେଖ ଅଛି।

କେତେକ ରାଜ୍ୟରେ ସରକାରଙ୍କର ଦ୍ୱାରା ଜାରି କରାଯାଇଥିବା ଆଦେଶରେ ଅର୍ଥ ବଦଳରେ ଗ୍ରାମସଭାର ଜମିକୁ ବ୍ୟକ୍ତି କିମ୍ବା ବ୍ୟବସାୟିକ ପ୍ରତିଷ୍ଠାନଙ୍କୁ ପ୍ରଦାନ କରାଯାଇଅଛି । ଆମ ମତାନୁସାରେ ଏପରି ଆଦେଶ ବେଆଇନ୍ ଓ ଏହାକୁ ଖାରଜ କରାଯିବା ଦରକାର।

ଏହି ପରିପ୍ରେକ୍ଷୀରେ ଆମେ କହିବାକୁ ଚାହୁଁ ଯେ ଆମର ପୂର୍ବପିଢ଼ି ବୋକା ନଥିଲେ। ସେମାନେ ଜାଣିଥିଲେ ଯେ କେଉଁ କେଉଁ ବର୍ଷ ମରୁଡ଼ି ହୋଇପାରେ କିମ୍ବା କୌଣସି କାରଣବଶତଃ ଜଳର ଅଭାବ ଦେଖାଦେଇପାରେ ଓ ପଶୁମାନଙ୍କର ପିଇବା ଓ ଗାଧୋଇବା ପାଇଁ ଜଳ ଆବଶ୍ୟକ ହୋଇପାରେ। ତେଣୁ ସେମାନେ ପ୍ରତ୍ୟେକ ମନ୍ଦିର ସଂଲଗ୍ନରେ ପୋଖରୀ ଖୋଳାଇଥିଲେ। ଏସବୁ ପାରମ୍ପରିକ ବର୍ଷାଜଳ ଅମଳ ପଦ୍ଧତି ଯାହାକି ହଜାର ହଜାର ବର୍ଷ ହେଲା କାମରେ ଆସିଛି।

ଜବରଦଖଲର ନିୟମିତତା କେତେକ ବିରଳ କ୍ଷେତ୍ରରେ କରାଯାଇପାରେ; ଯଥା- ସରକାରୀ ବିଜ୍ଞପ୍ତି ମାଧ୍ୟମରେ ଭୂମିହୀନ ମଜୁରିଆ କିମ୍ବା ତଫସିଲଭୁକ୍ତ ଜାତି/ ଉପଜାତିର ବ୍ୟକ୍ତିମାନଙ୍କୁ ଜମି ଲିଜ୍ ପ୍ରଦାନ  ହୋଇଥିଲେ କିମ୍ବା ସେହି ଜମିରେ ସ୍କୁଲ, ଚିକିତ୍ସାଳୟ  କିମ୍ବା ଅନ୍ୟାନ୍ୟ ଜନସୁବିଧା ସ୍ଥାପିତ ହୋଇଥିଲେ।

## ଉଚ୍ଚତମ ନ୍ୟାୟାଳୟ କେଉଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ?

- ଗ୍ରାମସଭାର ଜମିକୁ ବେଆଇନ୍ ଭାବେ ଦଖଲ କରିଥିବା ବ୍ୟକ୍ତିମାନଙ୍କୁ ଉଚ୍ଛେଦ କରି ସେହି ଜମିକୁ ଗ୍ରାମସଭାକୁ ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।
- ରାଜ୍ୟମାନଙ୍କୁ ଜବରଦଖଲ ଉଚ୍ଛେଦ ପାଇଁ ଯୋଜନା ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ।

  - ଏହି ଯୋଜନା ମାଧ୍ୟମରେ କାରଣଦର୍ଶାଅ ନୋଟିସ ପରେ ଶୁଣାଣି ଓ ପରବର୍ତ୍ତୀ ସମୟରେ ତ୍ୱରିତ ଜବରଦଖଲ ଉଚ୍ଛେଦ ନିମନ୍ତେ ବ୍ୟବସ୍ଥା ସୃଷ୍ଟି କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା ।
- ଜବରଦଖଲକୁ ନିୟମିତ/ ବିଧିସଙ୍ଗତ କରିବା ପାଇଁ ବହୁକାଳ ଜବରଦଖଲ ଅବଧି/ ନିର୍ମାଣ କାର୍ଯ୍ୟରେ ବହୁଳ ଅର୍ଥର ବିନିଯୋଗ/ ରାଜନୈତିକ ସମ୍ବନ୍ଧ ଇତ୍ୟାଦିକୁ କାରଣ ରୂପେ ଗ୍ରହଣ କରାଯାଇପାରିବନାହିଁ
- ଜବରଦଖଲକୁ ନିୟମିତ/ବିଧିସଙ୍ଗତ କେବଳ ବିରଳ କ୍ଷେତ୍ରରେ ଯେଉଁଥିରେ କି ବୃହତ ଜନସ୍ୱାର୍ଥ ନିହିତ ଥିବ ସେପରି କ୍ଷେତ୍ରରେ କରାଯାଇପାରିବ ।
- ଉଚ୍ଚତମ ନ୍ୟାୟାଳୟକୁ ସମୟ ସମୟରେ ନିର୍ଦ୍ଦେଶ ପାଳନର ବିବରଣୀ ଦାଖଲ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା ।

## WHAT DIRECTIONS DID THE SUPREME COURT GIVE?

- The State governments were directed to ensure the eviction of unauthorised occupants of Gram Sabha lands and the restoration of those lands to the Gram Sabhas.
- The States were directed to prepare schemes by way of which the eviction was to be done.

  The schemes were to provide for:

  - Speedy “Evictions”, after issuing a show cause notice followed by a brief hearing.
- Long durations of occupation/ huge expenditures in constructions/ political clout should not be reasons to permit the regularisation of the encroachments.
- Regularisation should be allowed in exceptional cases where a larger public interest is at hand.
- The States were also directed to submit compliance reports from time to time to the SC.

## ଏହି ନିଷ୍ପତ୍ତିର ଓଡ଼ିଶା ଉପରେ ପ୍ରଭାବ?



ଓଡ଼ିଶାରେ ସର୍ବସାଧାରଣ/ ଗୋଷ୍ଠୀ ସମ୍ପତ୍ତି ଉପରେ ନିର୍ଭରଶୀଳତା ବହୁତ ଅଧିକ । ଏହା ଚାରଣ, ପଶୁଖାଦ୍ୟ ସଂଗ୍ରହ, କୃଷି ଆବଶ୍ୟକତା, ଜଳର ଉତ୍ସ ଓ ଅନ୍ୟାନ୍ୟ ଭିନ୍ନଭିନ୍ନ ପ୍ରକାର ବ୍ୟବହାରରେ ଲାଗିଥାଏ । ବ୍ୟକ୍ତି ବିଶେଷଙ୍କର ଦ୍ୱାରା ଏହାର ଜବରଦଖଲ ଗୋଷ୍ଠୀ /ସର୍ବସାଧାରଣ ସମ୍ପତ୍ତି କ୍ଷେତ୍ର ପାଇଁ ଏକ ବଡ଼ ସମସ୍ୟା । ଜଗପାଲ ସିଂ ମାମଲାରେ ନିଷ୍ପତ୍ତି ପୂର୍ବରୁ ଗୋଷ୍ଠୀ/ସର୍ବସାଧାରଣ ସମ୍ପତ୍ତିର ହରଣ ଓଡ଼ିଶାରେ ଆଲୋଚନାର ବିଷୟବସ୍ତୁ ହୋଇସାରିଥିଲା । ଏହି ନିଷ୍ପତ୍ତି/ ଆଦେଶ ଫଳରେ ରାଜ୍ୟ ଜବରଦଖଲ ଉଚ୍ଛେଦ ଏବଂ ଗୋଷ୍ଠୀ ସମ୍ପତ୍ତିର ସ୍ଥିତିକୁ ପୁନଃପ୍ରତିଷ୍ଠା କରିପାରିବ ।

## WHAT IMPLICATIONS DID THE JUDGEMENT HAVE ON ODISHA?



Dependence on commons in Odisha is quite high. They are used for grazing, fodder collection, agricultural needs, sources of water and a variety of other uses. One major problem plaguing the commons was the occupation of such properties by private individuals. The loss of common lands had become a talking point in Odisha even before the Jagpal Singh judgement. As a result of the judgement, the State would now have to make provisions to ensure the eviction of such people and restore the status of common lands.

## ଉଚ୍ଚତମ ନ୍ୟାୟାଳୟର ନିର୍ଦ୍ଦେଶର ଅବଲମ୍ବନରେ ଓଡ଼ିଶାରେ କେଉଁ ପଦକ୍ଷେପ ଗ୍ରହଣ କରାଯାଇଅଛି ?

ଜଗପାଲ ସିଂ ମାମଲାର ନିଷ୍ପତ୍ତି ଅବଲମ୍ବନରେ ଓଡ଼ିଶା ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିଛି:

### ନୂତନ ପ୍ରଶାସନିକ ଆଦେଶ

**ସୂଚନା ଓ ଜନସମ୍ପର୍କ ବିଭାଗ ଦ୍ୱାରା ଜାରି କରାଯାଇଥିବା ପ୍ରେସ୍ ନୋଟ୍ (୨୫.୦୬.୨୦୧୧):**
ସମସ୍ତ ଜିଲ୍ଲା କଲେକ୍ଟରମାନଙ୍କୁ ଉଚ୍ଚତମ ନ୍ୟାୟାଳୟର ନିର୍ଦ୍ଦେଶ ଅନୁଯାୟୀ ପୂର୍ବରୁ ଥିବା ସମସ୍ତ ଜବରଦଖଲ ମାମଲାର ଫଇସଲା କରିବା ଏବଂ କୌଣସି ନୂଆ ଜବରଦଖଲକୁ ଅନୁମତି ପ୍ରଦାନ ନକରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି ।

**ରାଜସ୍ୱ ଓ  ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଜାରି କରାଯାଇଥିବା ଆଦେଶ ପତ୍ର (୨୭.୦୮.୨୦୧୪):**
ଆଦେଶପତ୍ର ଅନୁଯାୟୀ ଯେଉଁ କ୍ଷେତ୍ରରେ ଗୋଷ୍ଠୀ / ସର୍ବସାଧାରଣ ଜମି ନିହାତି ଆବଶ୍ୟକ ସେକ୍ଷେତ୍ରରେ ସମାନ ପରିମାଣର ଉପଯୁକ୍ତ ଜମି ଗ୍ରାମବାସୀଙ୍କର ବ୍ୟବହାର ନିମନ୍ତେ ଯୋଗାଇଦିଆଯିବ ।

## WHAT ACTION HAS ODISHA TAKEN IN RESPONSE TO THE SUPREME COURT’S DIRECTIONS?

In response to the Jagpal Singh judgement, Odisha has taken the following action:

### New Administrative Orders:

**Press Note issued by the Information and Public Relations Department (25.06.2011):**
Collectors of all districts have been asked to ensure that all earlier encroachment cases are settled and no new encroachments are permitted, in line with the Supreme Court’s directions.

**Circular issued by the Revenue and Disaster Management Department (27.08.2014):**
The circular provided that in cases where communal lands were absolutely necessary, in such cases an equal extent of suitable land would have to be for the common use of the villagers.

## ଗୋଷ୍ଠୀ/ ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା ସମ୍ପର୍କୀତ ଓଡ଼ିଶା ଉଚ୍ଚନ୍ୟାୟାଳୟର କୌଣସି ନିଷ୍ପତ୍ତି ଅଛି କି?

### i. ତପନ କୁମାର ଦାସ ବନାମ କଟକ ପୌରପରିଷଦ (ଡବ୍ଲୁ.ପି.(ସି).ନଂ. ୮୭୯୭/୨୦୦୪):

ଏହି ମାମଲାରେ, ଜନସାଧାରଣଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଥିବା ନିର୍ଦ୍ଦମା ଜଳପ୍ରବାହକୁ ରୋକିବା ପାଇଁ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା। ଏକ ନିର୍ମାଣ ସଂସ୍ଥା ଦ୍ୱାରା ପୋଖରୀକୁ ପୋତାଯାଇ ବିକ୍ରି ପାଇଁ ବାସଗୃହ ନିର୍ମାଣ ପ୍ଲଟ ସୃଷ୍ଟି କରିବା ହେତୁ ଏ ସମସ୍ୟା ଆରମ୍ଭ ହୋଇଥିଲା। ଅନ୍ୟ ଏକ ମାମଲାରେ କଟକର ସମସ୍ତ ବଡ଼ବଡ଼ ପୋଖରୀର ଅବସ୍ଥା/ ସ୍ଥିତି ପ୍ରତି ବିଚାରାଳୟର ଦୃଷ୍ଟି ଆକର୍ଷଣ କରାଯାଇଥିଲା।

ସମସ୍ତ ମାମଲାର ସାଦୃଶ୍ୟକୁ ଦୃଷ୍ଟିରେ ରଖି ନ୍ୟାୟାଳୟ ସବୁ ମାମଲାକୁ ଏକାଠି କରି ରାଜସ୍ୱ ରେକର୍ଡରେ ଦର୍ଶାଯାଇଥିବା ପୋଖରୀ ଜମିକୁ ବାସଗୃହ ଜମିରେ ରୂପାନ୍ତରିତ କରି ହେବ କି ନାହିଁ ସେ ବାବଦରେ ନିଷ୍ପତ୍ତି ଗ୍ରହଣ କରିବା ପାଇଁ ବିଚାର କଲେ। ବେଆଇନ୍ ଜବରଦଖଲକାରୀଙ୍କର ପ୍ରତି ଏକ କଡ଼ା ଆଭିମୁଖ୍ୟ ଗ୍ରହଣ କରି ନ୍ୟାୟାଳୟ ଓଡ଼ିଶା ସରକାରଙ୍କୁ ନିମ୍ନମତେ ଆଦେଶପ୍ରଦାନ କଲେ

- ଜମି ଜବରଦଖଲକାରୀଙ୍କର କବଳରୁ ପୋଖରୀ ଜମିକୁ ମୁକ୍ତ କରିବା ସୁନିଶ୍ଚିତ କରାଯାଉ
- ପରିବେଶବିତ୍, ଜିଲ୍ଲା କଲେକ୍ଟର ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ନେଇ ଏକ ସାତଜଣିଆ କମିଟି ଗଠନ ହେବ ଯାହା ରାଜସ୍ୱ ଡ଼ିଭିଜନ୍ କମିଶନର, କଟକଙ୍କର ଅଧ୍ୟକ୍ଷତାରେ କାର୍ଯ୍ୟ କରିବ। କମିଟି ନିମ୍ନଲିଖିତ କାର୍ଯ୍ୟ ସମ୍ପାଦନ କରିବ।
    - o ପୋଖରୀଜମିକୁ ବାସଗୃହ ଜମିରେ ପରିବର୍ତ୍ତନ ନିମନ୍ତେ ଦାଖଲ ହୋଇଥିବା ସମସ୍ତ ଆବେଦନର ସମୀକ୍ଷା
    - o ପୋଖରୀ ଜମିରେ ନିର୍ମାଣ ହୋଇଥିବା ବେଆଇନ୍ ନିର୍ମାଣର ସର୍ବେକ୍ଷଣ
    - o ପୋଖରୀ ପୁନଃରୁଦ୍ଧାର ଓ ପୁନସର୍ଜନା ପାଇଁ ପଦକ୍ଷେପ ଗ୍ରହଣ

### ii. ପରମେଶ୍ୱର ମହାନ୍ତି ବନାମ ଓଡ଼ିଶା ରାଜ୍ୟ (ଓ.ଜେ.ସି.ନଂ. ୬୩୬୫/୧୯୯୭):

ଏହି ମାମଲାରେ ଆବେଦନକାରୀ ଅତିରିକ୍ତ ତହସିଲଦାରଙ୍କର ଦ୍ୱାରା କରାଯାଇଥିବା ଏକ କାରଣ ଦର୍ଶାଅ ନୋଟିସ୍‌କୁ ରଦ୍ଦ କରିବା ନିମନ୍ତେ ବିଚାରାଳୟରେ ପ୍ରାର୍ଥନା କରିଥିଲେ ଯେଉଁ କାରଣ ଦର୍ଶାଅ ନୋଟିସ୍‌ରେ ଅତିରିକ୍ତ ତହସିଲଦାର ଆବେଦନକାରୀଙ୍କର ବିରୁଦ୍ଧରେ ଓଡ଼ିଶା ଭୂମି ଜବରଦଖଲ ନିରୋଧ ଆଇନ୍ (ଓପିଏଲ୍‌ଇ) ୧୯୭୨ ଅନୁଯାୟୀ ବେଆଇନ୍ ଭାବେ ସରକାରୀ ଜମି ଜବରଦଖଲ କରିଥିବା ହେତୁ କାହିଁକି ଆଦେଶ ଜାରି କରାଯିବ ନାହିଁ ତାହା ଆବେଦନକାରୀଙ୍କର ଠାରୁ କାରଣ ଦର୍ଶାଅ ନୋଟିସ୍ ମାଧ୍ୟମରେ ଜାଣିବାକୁ ଚାହିଁଥିଲେ।

ବିଚାରାଳୟ ସମ୍ମୁଖରେ ଥିବା ପ୍ରଶ୍ନ ହେଲା ବିବାଦୀୟ ଆବାଦଯୋଗ୍ୟ ଅନାବାଦୀ ଭୂମି ଓପିଏଲ୍‌ଇ ଆଇନ୍ ଅନୁଯାୟୀ ସରକାରୀ ଜମି କି ନୁହେଁ? ଅନୁଚ୍ଛେଦ- ୨ର ଗଭୀର ଅଧ୍ୟୟନ ପରେ ବିଚାରାଳୟ ଏହି ନିଷ୍ପତ୍ତିରେ ପହଞ୍ଚିଲେ ଯେ ଏହି ଅନୁଚ୍ଛେଦରେ ଉଲ୍ଲିଖିତ ସମସ୍ତ ଜମି (ଅଲ୍‌ଲ୍ୟାଣ୍ଡ) ଶବ୍ଦରେ ନିବିଷ୍ଟ ଅର୍ଥ ଅନୁଯାୟୀ ବିବାଦୀୟ ଜମି ଏହାର ଅନ୍ତର୍ଭୁକ୍ତ। ଯେହେତୁ ତହସିଲଦାର କେଉଁ ପ୍ରକାର ଜବରଦଖଲ ନିରୂପଣ କରିନଥିଲେ, ତେଣୁ ମାମଲାକୁ ଓପିଏଲ୍‌ଇ ଆଇନ୍‌ର ବ୍ୟବସ୍ଥା ଅନୁଯାୟୀ ତହସିଲଦାରଙ୍କର ବିଚାର ନିମନ୍ତେ ଫେରାଇ ଦିଆଯାଇଥିଲା ।



## ARE THERE ANY JUDGEMENTS OF THE ODISHA HIGH COURT ON PROTECTION OF THE COMMONS?

### i. Tapan Kumar Das v. Cuttack Municipal Corporation (W.P. (C) No. 8797 of 2004):

In this case, a public interest litigation was filed to stop the flow of drainage water which was causing a nuisance to the people in the area. The flow was on account of the filling up of a tank located nearby by a builder who had carved out plots of land with an intention of selling them. Another case, concerning all the major tanks in Cuttack was also brought before the court.

Noting the similarities, the court decided to club the matters and make a decision on whether the lands marked as tanks in the Revenue Records could be converted to homesteads. The court came down heavy on the illegal encroachers and directed the State of Odisha to:

- Ensure that tanks are made free from land grabbers;
- Set up a seven-member committee consisting of environmentalists district collectors and other district officials, which was to be headed by the revenue divisional commissioner, Cuttack. The Committee was tasked with:
    - o Scrutinising applications seeking the conversion of tank lands to homesteads;
    - o Conduct a survey to see how many such unauthorised structures have been constructed over tanks;
    - o Set up measures to renovate and restore tanks.

### ii. Parameswar Mohanty v. State of Orissa (O.J.C No. 6365 of 1997):

The petitioner in this case prayed for the quashing of a show cause order passed by the Additional Tahasildar enquiring as to why an order should not be passed against the petitioner for unauthorised possession of Government land under the Odisha Prevention of Land Encroachment (OPLE) Act, 1972.

The question before the court was whether the Abada Jogya Anabadi land in question was Government land as per the OPLE. A careful reading of section 2 allowed the court to determine that the land was within the purview of “all lands” under the section. The factual nature of the encroachment however had not yet been decide upon by the Tahsildar and the case was thus remanded back to him as per the provisions of the OPLE.

# ପଞ୍ଚାୟତ ଓ ସଂପୃକ୍ତ ନାଗରିକ କେଉଁ ପଦକ୍ଷେପ ନେଇପାରିବେ ?



### ପଞ୍ଚାୟତ

- ନିଜସ୍ୱ ପରିସୀମା ମଧ୍ୟରେ ଅବସ୍ଥିତ ସମସ୍ତ ଗୋଷ୍ଠୀ/ ସର୍ବସାଧାରଣ ସମ୍ପତ୍ତିର ପରିଚାଳନା
- ଗୋଷ୍ଠୀ ସମ୍ପତ୍ତିର ଜବରଦଖଲ ନହେବା ସୁନିଶ୍ଚିତ କରିବା
- ଜବରଦଖଲର ପ୍ରକାର ସମ୍ପର୍କରେ ଅନୁସନ୍ଧାନ ନିମନ୍ତେ ଶୁଣାଣୀର ଆୟୋଜନ
- ଆବଶ୍ୟକ ସ୍ଥଳେ ବେଆଇନ୍ ଜବରଦଖଲ ଉଚ୍ଛେଦ ନିମନ୍ତେ ତ୍ୱରିତ ପଦକ୍ଷେପ ଗ୍ରହଣ
- ଯେପରି କୌଣସି ବେଆଇନ୍ ଜବରଦଖଲ ନିୟମିତ ହୋଇନଯାଏ ତାହା ସୁନିଶ୍ଚିତ କରିବା

### ସଂପୃକ୍ତ ନାଗରିକ

- ଗୋଷ୍ଠୀ/ସର୍ବସାଧାରଣ ସମ୍ପତ୍ତିର ସ୍ଥିତି ଏବଂ ଏବାବଦରେ ଅଧିକାର ସମ୍ବନ୍ଧରେ ସଚେତନ ରହିବା
- ନିର୍ଦ୍ଦିଷ୍ଟ ଗୋଷ୍ଠୀ/ସର୍ବସାଧାରଣ ସମ୍ପତ୍ତିର ପରିଚାଳନା ପାଇଁ ଅଧିକାରୀମାନଙ୍କୁ ଦାୟିତ୍ୱବାନ୍ କରାଇବା ଓ ଜମି ଜବରଦଖଲ ବାବଦରେ ସଚେତନ କରିବା

# What action can the Panchayats and concerned citizens take?



### PANCHAYATS

- Should manage all the common property resources within their jurisdiction;
- Ensure that there are no encroachments of common property;
- Conduct hearings to enquire about the nature of encroachment;
- Provide for speedy eviction of illegal encroachers, if any;
- Ensure that no unfair regularisation of illegal occupation is permitted.

### CONCERNED CITIZENS

- Stay aware of overall status of commons and rights over common property in the state;
- Can make the authority responsible for managing the particular common property, aware of any encroachments on such land.



CENTRE FOR POLICY RESEARCH

NAMATI
INNOVATIONS IN LEGAL EMPOWERMENT